ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ମଙ୍ଗଳବାର, ନଭେମ୍ବର ୧୯/୨୦୧୯ Berhampur, Tuesday, November 19/ 2019

## ସଂକ୍ଷେପରେ

### ୨ ବାଲି ଟ୍ରାକ୍ଟର ଜବତ

ବୁଗୁଡ଼ା,୧୮।୧୧(ଡି.ଏନ୍.ଏ.)- ବୁଗୁଡ଼ା ତହସିଲ ପକ୍ଷରୁ ସୋମବାର ଧରପଗଡ଼ କରାଯାଇ ବେଆଇନ ଭାବେ ଚାଲାଣ ହେଉଥିବା ୨ଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରାଯାଇ ଜରିମାନ ଆଦାୟ କରାଯାଇଛି। ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କ ନେତୃତ୍ୱରେ କର୍ମଚାରୀମାନେ ତହସିଲ ଅନ୍ତର୍ଗତ ଉଦୟପୁର ଓ ବୁଗୁଡ଼ା ବସଷ୍ଟାଣ୍ଡରେ ଚଢ଼ାଉ କରି ୨ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିଲେ। ସେମାନଙ୍କ ଠାରୁ ୪୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି।

### ଗୋରୁ ଚୋରକୁ ପୋଲିସ ଜିମା

ଖଲିକୋଟ,୧୮।୧୧(ଡି.ଏନ.ଏ.)- ଖଲ୍ଲିକୋଟ ଶ୍ରୀକୃଷ୍ଣଶରଣପୁର ଗ୍ରାମର ସୌରା ଗୌଡ଼ ଗୋଟିଏ ଗାଈ, ବିପ୍ର ପ୍ରଧାନଙ୍କ ଏକ ଗାଈ ଓ ମୋହନପୁର ଗ୍ରାମରେ କେତେକଙ୍କ ଗାଈ କିଛିଦିନ ତଳେ ଚୋରି ହୋଇଥିଲା। ରବିବାର ବିଳମ୍ବିତ ରାତିରେ ଏହି ଗୋରୁ ଚୋର ଗ୍ୟାଙ୍ଗ ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତର ହରିଡ଼ାମୂଳ ଗ୍ରାମରେ ପଶି ଗୋରୁମାନଙ୍କୁ କ'ଣ ଖୁଆଇ ଖୁଣ୍ଟରୁ ଫିଟାଇ ସହଜରେ ଟାଣିଟାଣି ନେଉଥିଲେ। କୁକୁର ଭୁକିବାରୁ ଗ୍ରାମର କେତେକ ବ୍ୟକ୍ତି ଉଠି ପଡିଥିଲେ। ଚୋରମାନେ ଦୌଡି ପଳାଇଥିବାବେଳେ ଜଣେ ଯାଇ ନ ପାରି ବୁଦାମୂଳେ ଲୁଚି ଯାଇଥିଲେ। ଗ୍ରାମବାସୀ ତାଙ୍କୁ କାବୁ କରିଥିଲେ। ସେ ଖୋର୍ଦ୍ଧା ଥାନା ନିଆଳି ଗ୍ରାମର ଓ ତାଙ୍କ ନାମ ପ୍ରଫୁଲ ମୁଦୁଲି ବୋଲି କହିଥିଲେ। ହରିଡ଼ାମୂଳ ଗ୍ରାମର ପ୍ରକାଶ ପ୍ରଧାନ, ଦୀନ ପ୍ରଧାନ ଗାଈ ଚୋରି ନେଇ ଖଲ୍ଲିକୋଟ ଥାନାରେ ଏତଲା ଦେଇଛନ୍ତି। ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିବା ସହ ନଂ.୩୩୩/୧୯ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛନ୍ତି।

### ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ

ଚିକିଟି,୧୮।୧୧(ଡି.ଏନ୍.ଏ.)- ଚିକିଟି ବ୍ଲକ ଗିରିସୋଲା ପଞ୍ଚାୟତ କୃଷ୍ଣନଗର ଗ୍ରାମରେ ସୋମବାର ଗ୍ୟାସ ଲିକ୍‌ରୁ ଅଗ୍ନିକାଣ୍ଡ ଘଟି ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଛି। ପର୍ଶୁ ଦାସଙ୍କ ସ୍ତ୍ରୀ ବାସନ୍ତି ରୋଷେଇ କରୁଥିବାବେଳେ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗି ଯାଇଥିଲା। ବାସନ୍ତି ଓ ପରିବାର ଲୋକେ ବାହାରକୁ ଦୌଡି ପଳାଇଯିବା ପରେ ଘରେ ଥିବା ଟିଭି, ଫ୍ରିଜ୍ ଓ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା। ଗ୍ରାମବାସୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### ବିବାହ ଭୋଜି ବର୍ଜନ କଲା କୁଳ ସମାଜ

ଦିଗପହଣ୍ଡି,୧୮।୧୧(ଡି.ଏନ.ଏ.)- ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡା ପଞ୍ଚାୟତ ଢେପାପେଣ୍ଠ ଗାଁର ଏକ ପରିବାରକୁ ଏକ ନିର୍ଦ୍ଦିଷ୍ଟ ଜାତିର କୁଳ ସଭା ପକ୍ଷରୁ ସାମାଜିକ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ବୁଧବାର ତାଙ୍କ ସାନ ପୁଅଙ୍କ ବିବାହ ଭୋଜିରେ କୁଳ ସଭାପତି ଓ କର୍ମକର୍ତ୍ତାଙ୍କ ନିର୍ଦ୍ଦେଶରେ କେହି ଜାତିଭାଇ ଓ ବନ୍ଧୁ ପରିଜନ ଯୋଗନଦେବାରୁ ତାଙ୍କ ପରିବାରର ସମ୍ମାନ ହାନି ହୋଇଛି। ଏ ନେଇ ସେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସୋମବାର ସ୍ମାରକପତ୍ର ଦେଇଛନ୍ତି। କୁଳ ସଭା ବିନା ପରାମର୍ଶରେ ତାଙ୍କ ବଡ ପୁଅଙ୍କର ମେ ୨୮ରେ ବିବାହ କରିବାରୁ ତାଙ୍କୁ ବଡ଼ଖେମୁଣ୍ଡି ମଣ୍ଡଳ କୁଳ ସଭା ପକ୍ଷରୁ ବାସନ୍ଦ କରାଯାଇଥିଲା। ଏନେଇ ସେ କେ.ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ଆଇଆଇସି ମାଧବ ଚନ୍ଦ୍ର ନାୟକ ଉଭୟପକ୍ଷଙ୍କୁ ଥାନାକୁ ଡ଼ାକି ଚିକିଟି ଏସଡିପିଓ ସୁରେନ୍ଦ୍ର ନାଥ ମୁର୍ମୁଙ୍କ ଉପସ୍ଥିତିରେ ସମାଧାନ କରିଥିଲେ ମଧ ଉଭୟପକ୍ଷ ଜିଦରେ ଅଟଳ ଥିବା ଜଣାପଡିଛି। ତେବେ ସେ ଉଦ୍ଦେଶ୍ୟମୂଳକ ଭାବେ ଏଭଳି ମିଥ୍ୟା ଅଭିଯୋଗ କରୁଛନ୍ତି ବୋଲି କୁଳ ସଭା ତାଲୁକା ସଭାପତି କହିଛନ୍ତି।

### ମହୁରୀ ତାଲୁକା ବିଶ୍ୱକର୍ମା ସମିତି ବୈଠକ

କନିଷି,୧୮।୧୧(ଡି.ଏନ୍.ଏ.)- ମହୁରୀ ତାଲୁକା ବିଶ୍ୱକର୍ମା ସମିତିର ବୈଠକ ହଳଦିଆପଦର ଚନ୍ଦ୍ରକଲ୍ଲେଶ୍ୱର ମନ୍ଦିର ପ୍ରାଙ୍ଗଣରେ ହୋଇଯାଇଛି। ସଭାପତି ତ୍ରିପତି ମହାରଣାଙ୍କ ଅଧକ୍ଷତାରେ ଏହି ବୈଠକରେ ତାଲୁକାର ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ମହାରଣାଙ୍କ ପ୍ରତି ଯେଉଁ କେତେଜଣ ମିଥ୍ୟା ଆରୋପ କରିଥିଲେ ତାହା ଆଲୋଚନା କରାଯାଇ ତାଙ୍କୁ ଦୋଷମୁକ୍ତ କରାଯାଇଥିଲା। ପୁନର୍ବାର ଉପଦେଷ୍ଟା ଭାବେ ସେ କାର୍ଯ୍ୟ କରିବେ ବୋଲି ସଭାପତି ଘୋଷଣା କରିଥିଲେ। ଆସନ୍ତା ମାସରେ ସମିତିର ବାର୍ଷିକୋତ୍ସବ ଗୋଷାଣୀନୂଆଗାଁରେ କରାଯିବାକୁ ସ୍ଥିର କରାଯାଇଥିଲା ।

# ଦିଗପହଣ୍ଡି ବ୍ଲକ: ଚାରା ରୋପଣ ଯୋଜନା ଫେଲ

ଦିଗପହଣ୍ଡି,୧୮।୧୧(ଡି.ଏନ.ଏ.)



ଗୋକର୍ଣ୍ଣପୁର ପଞ୍ଚାୟତ ନରସିଂହପୁର ଗାଁରେ ଅଧିକାରୀଙ୍କ ଉପସ୍ଥିତିରେ ତଦନ୍ତ ଚାଲିଛି।

- ଏମ୍‌ଜିଏନ୍‌ଆରଇଜିଏସ୍ ପାଣ୍ଠି ହରିଲୁଟ୍ ଅଭିଯୋଗ
- ୩୧ଶହରୁ ବଞ୍ଚିଲା ୬୦୫ ଚାରା

ଦିଗପହଣ୍ଡି ବ୍ଲକର ବିଭିନ୍ନ ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିବା ରିପୋର୍ଟ ପ୍ରସ୍ତୁତ ହୋଇଛି। ମାତ୍ର ରିପୋର୍ଟରେ ଦର୍ଶାଯାଇଥିବା ଗାଁଗୁଡିକରେ କିନ୍ତୁ ଚାରାର ସତ୍ତା ମିଳୁନାହିଁ। ଚଳିତ ଆର୍ଥିକ ବର୍ଷରେ ବିଭିନ୍ନ ଯୋଜନାରେ ୧୦ ହଜାରରୁ ଉର୍ଦ୍ଧ୍ୱ ଚାରା ମାଗଣାରେ ବଣ୍ଟନ କରାଯାଇଥିଲେ ମଧ ପ୍ରକୃତପକ୍ଷେ ଏତେ ସଂଖ୍ୟକ ଚାରା ରୋପଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ୧ ଏପ୍ରିଲ ୨୦୧୮ରୁ ୩୧ ମାର୍ଚ୍ଚ ୨୦୧୯ ମଧରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ (ଓଏସ୍‌ଏସ୍‌ଏଟି) ଓଡ଼ିଶା ସାମାଜିକ ସମୀକ୍ଷା ଓ ସ୍ୱଚ୍ଛତା ସମିତି ସହାୟତାରେ କରାଯାଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ ଯୋଜନାର ସାମାଜିକ ସମୀକ୍ଷା ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ବ୍ଲକ ଅଧୀନ ୨୫ ପଞ୍ଚାୟତରୁ ୧୪ଟିରେ ୩୧୦୦ ଚାରା ରୋପଣ ପାଇଁ ୧୯ଲକ୍ଷ ୪୪ହଜାର ୭୫୦ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ସେଥିରୁ ୬ଲକ୍ଷ ୮୦ହଜାର ୯୩୧ ଟଙ୍କା ଖର୍ଚ୍ଚ କରାଯାଇଥିବା ଦର୍ଶାଯାଇଛି। ରୋପଣ କରାଯାଇଥିବା ୩୧୦୦ ଚାରା ମଧରୁ ମାତ୍ର ୬୦୫ଟି ବଞ୍ଚିଥିବା ଜଣାପଡିଛି।

ବୃକ୍ଷ ଚାରାଗୁଡ଼ିକର ସ୍ଥିତି ସମ୍ପର୍କରେ ତଦନ୍ତ ପାଇଁ ବିଭିନ୍ନ ପଞ୍ଚାୟତ ଅଧୀନ ଗାଁକୁ ଯାଇଥିବା ଅଧିକାରୀଙ୍କୁ ଉପସ୍ଥିତ କର୍ମଚାରୀମାନେ ଗତ ତିତ୍‌ଲି ବାତ୍ୟାରେ ନଷ୍ଟ ହୋଇଥିବା ଚାରାଗୁଡ଼ିକୁ ଗାଈ ଖାଇଦେଇଥିବା କହିଥିଲେ। ଚାରା ରୋପଣ ଯୋଜନାରେ ବ୍ୟୟ କରାଯାଇଥିବା ପାଣ୍ଠିରୁ ବ୍ୟାପକ ଅର୍ଥ ହରିଲୁଟ୍ ହୋଇଥିବା ଏକପ୍ରକାର ସୁନିଶ୍ଚିତ ବୋଲି ଦିଗପହଣ୍ଡି ଏନ୍‌ଏସିର ପୂର୍ବତନ ନଗରପାଳ ପ୍ରଫୁଲ୍ଲ ପଣ୍ଡା କହିଛନ୍ତି। ବିଶେଷକରି ଏମ୍‌ଜିଏନଆରଇଜିଏସ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ବାଟମାରଣା ହୋଇଥିବାରୁ ସେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଗଞ୍ଜାମ ଜିଲା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲା। ବିପର୍ଯ୍ୟୟରୁ ସୁରକ୍ଷା ପାଇଁ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଏହା କେବଳ କାଗଜ କଲମରେ ସୀମିତ ରହିଛି। ଏପରିକି ବନ ମହୋତ୍ସବ କାର୍ଯ୍ୟକ୍ରମ ମଧ ବିଫଳ ହୋଇଥିବା ପ୍ରମାଣିତ ହୋଇଛି। ହସ୍ତଗତ ହୋଇଥିବା ବିଭିନ୍ନ ବର୍ଷର ପଞ୍ଚାୟତ ସମିତି ବୈଠକ ପୁସ୍ତିକା ତଥ୍ୟ ଅନୁସାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବୃକ୍ଷରୋପଣ ପାଇଁ ସରକାରଙ୍କ ପକ୍ଷରୁ କାର୍ଯ୍ୟ ଖସଡ଼ା, ନିର୍ଦ୍ଧାରିତ ନିୟମାବଳୀ ଓ ଧାର୍ଯ୍ୟ ଲକ୍ଷ୍ୟକୁ ଅନୁମୋଦନ କରାଯାଇଛି। ପର୍ଯ୍ୟାୟକ୍ରମେ ମିଳୁଥିବା ଅନୁଦାନ ରୀତିମତ ଖର୍ଚ୍ଚ କରାଯାଇ ବିଲ୍ ମଞ୍ଜୁର କରାଯାଇଛି। ବିଭିନ୍ନ ପଞ୍ଚାୟତ ପକ୍ଷରୁ ଅତି ଚତୁରତାର ସହ ଚଞ୍ଚକତା କରାଯାଇ ପ୍ରସ୍ତୁତ ମଷ୍ଟର ରୋଲରେ ଜବକାର୍ଡ ହିତାଧିକାରୀଙ୍କ ନାଁ ଏବଂ କ୍ରମିକ ନଂ. ଉଲ୍ଲେଖ କରାଯାଇଛି। କିନ୍ତୁ ଅନେକ କ୍ଷେତ୍ରରେ ଦସ୍ତଖତ ସବୁ ନକଲି କରାଯାଇଛି। ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ଜୁଲାଇ ପହିଲାରୁ ୭ ପର୍ଯ୍ୟନ୍ତ ବୃକ୍ଷରୋପଣ ସପ୍ତାହ ପାଳନ କରାଯାଇଥାଏ। ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସବୁ ବର୍ଗର ଲୋକଙ୍କୁ ସାମିଲ କରି ଏହାକୁ ଅଧିକ ବ୍ୟାପକ କରିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ମାତ୍ର ବିଡମ୍ବନାର ପ୍ରସଙ୍ଗ ଯେ, ଦିଗପହଣ୍ଡି ବ୍ଲକରେ ବୃକ୍ଷରୋପଣ ଯୋଜନା ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏ ସମ୍ପର୍କରେ ବିଡ଼ିଓ ହଳଧର ଶବରଙ୍କୁ ପଚାରିବାରୁ ଏହାର ଦାୟିତ୍ୱ ବ୍ଲକର ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ଗ୍ରାମ ରୋଜଗାର ସେବକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକ, କନିଷ୍ଠଯନ୍ତ୍ରୀ, ଗ୍ରାମ୍ୟ ସାଧକ ଓ ଗାଁ ସାଥୀ କର୍ମଚାରୀଙ୍କୁ ଦିଆଯାଇଥିଲା। ବିଭାଗୀୟ ତାଲିମ ପାଇଁ ଛୁଟିରେ ଅଛି। ମୁଁ ଗଲାପରେ କ'ଣ ହୋଇଛି ଫାଇଲ ଦେଖିବା ପରେ କହିପାରିବି। ଦରକାର ପଡିଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଅପହରଣକାରୀଙ୍କ କବଳରୁ ଖସିଆସିଲେ ଛାତ୍ର

ପାତ୍ରପୁର, ୧୮।୧୧ (ଡି.ଏନ୍.ଏ.)

ଜରଡ଼ା ଥାନା ଇଲାକାରେ ଜଣେ କଲେଜ୍ ଛାତ୍ରଙ୍କୁ ଅପହରଣ କରାଯାଇଥିବାବେଳେ ୪ ଦୁର୍ବୃତ୍ତଙ୍କ କବଳରୁ ସେ ରବିବାର ମୁକୁଳି ଆସିଛନ୍ତି। ସୂଚନା ଅନୁଯାୟୀ, ଶନିବାର ଜରଡ଼ା ଥାନା ପାତ୍ରପୁର ବ୍ଲକ ତଣ୍ଡିପୁର ଗ୍ରାମର ଶିବ ବେହେରା (୧୬) ଟିଉସନ ସାରି ଭରତପତି କଲେଜକୁ ଆସୁଥିବାବେଳେ ସାମନ୍ତିଆପଲ୍ଲୀ ବସ୍‌ଷ୍ଟାଣ୍ଡ ନିକଟରୁ ୪ଯୁବକ ମାଡ଼ ମାରି ଅପହରଣ କରିନେଇଥିଲେ। ଶିବ ବସ୍‌ରୁ ଓହ୍ଲାଇ ବିଶ୍ରାମାଗାର ପଛପଟକୁ ପରିସ୍ରା କରିବାକୁ ଯାଇଥିବାବେଳେ ଦୁର୍ବୃତ୍ତମାନେ ଶିବଙ୍କ ପାଖକୁ ଆସିଥିଲେ। ଏହି ସମୟରେ ଏକ କଳା ରଙ୍ଗର ଆଟୋ ଆସି ପହଞ୍ଚିଥିଲା। ପରେ ଜଣେ ଯୁବକ ତାଙ୍କୁ କିଛି ଶୁଙ୍ଘାଇବାପରେ ସେ ଚେତାଶୂନ୍ୟ ହୋଇ ପଡିଥିଲେ। ଚେତା ଫେରିବାବେଳକୁ ସେ ଖୋର୍ଦ୍ଧା ଷ୍ଟେଶନ୍‌ରେ ଥିବା ଜାଣିବାକୁ ପାଇଥିଲେ। କୌଶଳକ୍ରମେ ସେଠାରୁ ଭୁବନେଶ୍ୱର ଷ୍ଟେଶନ୍‌କୁ ଆସିବାରେ ସକ୍ଷମ ହୋଇଥିଲେ। ପରେ ଏକ ହୋଟେଲରୁ ଜଣେ ବ୍ୟକ୍ତିଙ୍କ ମୋବାଇଲ ଫୋନ ଆଣି ଘରକୁ କଲକରି ଜଣାଇଥିଲେ। ଘର ଲୋକେ ଭୁବନେଶ୍ୱରରେ ପହଞ୍ଚି ତାଙ୍କୁ ନେଇଥିଲେ। ପ୍ରକାଶ ଥାଉ କି, ଗତ କିଛିବର୍ଷ ମଧରେ ଜରଡ଼ା ଥାନା ଅଞ୍ଚଳରୁ ଅନେକ ନାବାଳକ ନିଖୋଜ ହୋଇଛନ୍ତି। ସେମାନଙ୍କର ପତ୍ତା ଏଯାଏ ମିଳୁନାହିଁ। ୨ବର୍ଷ ତଳେ ଜରଡ଼ା ଘାଟି ଅଞ୍ଚଳରୁ ଜଣେ ଯୁବକ ଏହିଭଳି ଅପହରଣ ହୋଇ ଖୋର୍ଦ୍ଧାରୁ ମୁକୁଳିଥିଲେ।

# ଭତ୍ତା ଦାବିରେ ବ୍ଲକ କାର୍ଯ୍ୟାଳୟରେ ଧାରଣା

ଛତ୍ରପୁର,୧୮।୧୧(ଡି.ଏନ.ଏ)



ଧାରଣାରେ ବସିଥିବା ଲୋକେ।

ଗରିବ ଓ ଅସହାୟଙ୍କ ନିମନ୍ତେ ସରକାର ବିଭିନ୍ନ ଯୋଜନା କରି ସମସ୍ତ ସୁବିଧା ଯୋଗାଇ ଦେଉଛନ୍ତି। ପ୍ରକୃତ ଯୋଗ୍ୟମାନଙ୍କୁ ଯୋଜନାରେ ସାମିଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି। ତେବେ ଏହାକୁ କାର୍ଯ୍ୟକାରୀ କରିବାରେ କେତେକ ସ୍ଥାନରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବାରୁ ଯୋଜନାର ସୁଫଳ ମିଳୁନି। ଛତ୍ରପୁର ବ୍ଲକ ବିପୁଳିଙ୍ଗି ପଞ୍ଚାୟତ ଅଧୀନ ତେଲାପଲ୍ଲୀ ଗାଁର ୫୦ରୁ ଊର୍ଦ୍ଧ୍ୱ ଲୋକ ସରକାରଙ୍କ ବିଭିନ୍ନ ପ୍ରକାରର ଭତ୍ତା ଯୋଜନାରୁ ବଞ୍ଚିତ ହୋଇଛନ୍ତି। ବହୁ ବୃଦ୍ଧା ଓ ବୃଦ୍ଧଙ୍କୁ ଭତ୍ତା ମିଳିନି । ଏହାର ପ୍ରତିବାଦରେ ସୋମବାର ଭାଜପା ନେତା ପ୍ରଶାନ୍ତ କରଙ୍କ ନେତୃତ୍ୱରେ ଲୋକେ ଆସି ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ବିଡିଓ ଅମ୍ବିକା ପ୍ରସାଦ ଦାଶ ଧାରଣାସ୍ଥଳକୁ ଆସି ଆଲୋଚନା କରିଥିଲେ। ଯେଉଁମାନଙ୍କ ବିପିଏଲ କାର୍ଡ ରହିଛି, ସେମାନଙ୍କୁ ଏଥିରେ ସାମିଲ କରାଯିବ ଏବଂ ଯେଉଁମାନଙ୍କର ନାହିଁ ବୟସ ଅନୁସାରେ ଯୋଜାନରେ ସାମିଲ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ୧୨୭ ଅଭିଯୋଗ ଶୁଣାଣି

ଆର.ଉଦୟଗିରି, ୧୮।୧୧ (ଡି.ଏନ.ଏ.)



ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ ଓ ଏସ୍‌ପି।

ଗଜପତି ଜିଲା ନୂଆଗଡ଼ ବ୍ଲକ ସମ୍ବଲପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନୁପ ସାହା ଅଞ୍ଚଳର ୧୨୭ ଜଣଙ୍କ ଅଭିଯୋଗ ଶୁଣାଣି କରିଥିଲେ । ସେଥିମଧ୍ୟରୁ ୧୦୦ ବ୍ୟକ୍ତିଗତ ଏବଂ ୨୭ ଗ୍ରାମ୍ୟ ସମସ୍ୟା ଥିଲା। ମୁଖ୍ୟମନ୍ତ୍ରୀଙ୍କ ଫଣ୍ଡରୁ ୪ ଜଣଙ୍କୁ ଚିକିତ୍ସା ନିମନ୍ତେ ୨୪ହଜାର ଟଙ୍କା ଓ ରେଡକ୍ରସ ତରଫରୁ ୬ ଜଣଙ୍କୁ ୩୧ ହଜାର ଟଙ୍କା ଦିଆଯାଇଛି । ନୂଆଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି କରାଯାଉ ବୋଲି ଉକ୍ତ ଅଞ୍ଚଳର ମାଥୁଲ ପାଲ ଦାବି କରିଥିଲେ। ସମ୍ବଲପୁର ସମିତିସଭ୍ୟ ପରମିତା ଶବର ପୁଷ୍ପାଙ୍ଗ ଛକଠାରୁ ବୁର୍ଦ୍ଧୁଗୁଡ଼ା ରାସ୍ତା ମରାମତି ଦାବି କରିଥିଲେ। ଏଥିସହ ଇନ୍ଦିରାବାସ ଏବଂ ରାଶନ କାର୍ଡ ସମ୍ପର୍କିତ ଅଭିଯୋଗ ମଧ ଆସିଥିଲା। ଏସ୍‌ପି ସାରା ଶର୍ମା, ବିଡିଓ ପ୍ରଫୁଲ କୁମାର ମୁର୍ମୁ, ବ୍ଲକ ଅଧକ୍ଷା ଗୁଡୁବାଇ ମଣ୍ଡଳ ଓ ବିଭିନ୍ନ ପଦାଧିକାରୀ ଯୋଗ ଦେଇଥିଲେ। ସମ୍ବଲପୁର ସରପଞ୍ଚ ଜଗନ୍ନାଥ ଗମାଙ୍ଗ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ ।

# ରାଇକିଆ ସାପ୍ତାହିକ ହାଟର ସ୍ଥାନ ପରିବର୍ତ୍ତନ



ହାଟ ଉଦ୍‌ଘାଟନ କରାଯାଉଛି।

ରାଇକିଆ,୧୮।୧୧(ଡ଼ି.ଏନ.ଏ)– ରାଇକିଆ ସାପ୍ତାହିକ ହାଟକୁ ଅନ୍ୟତ୍ର ଘୁଞ୍ଚାଇ ଦିଆଯାଇଛି। ଅଏଲ ମିଲ ପଡ଼ିଆ ଠାରେ ନୂତନ ଭାବେ ସୋମବାର ହାଟ ବସିଛି । ବିଡ଼ିଓ ପ୍ରବୀଣ ବାଣୁଆ, ବ୍ଲକ ଅଧକ୍ଷା ମାନିନୀ ପ୍ରଧାନ, ସରପଞ୍ଚ ପଞ୍ଚୁ ପ୍ରଧାନ, ସମିତି ସଭ୍ୟା ମିନି ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନିଲ ପଟ୍ଟନାୟକଙ୍କ ଉପସ୍ଥିତିରେ ହାଟ ଉଦ୍‌ଘାଟନ କରାଯାଇଛି। ସ୍ଥାନ ପରିବର୍ତ୍ତନ ଯୋଗୁ ବ୍ୟବସାୟୀ ଓ ଗ୍ରାହକମାନେ କିଛି ମାତ୍ରାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଆଗକୁ ସମସ୍ତେ ଯେପରି ସବୁପ୍ରକାର ସୁବିଧା ପାଇପାରିବେ ସେ ନେଇ ବନ୍ଦୋବସ୍ତ କରାଯିବା ସହ ପାନୀୟ ଜଳ, ଲାଇଟ ବ୍ୟବସ୍ଥା ଏବଂ ଅଧିକ ପିଣ୍ଡି ନିର୍ମାଣ ମଧ କରାଯିବ ବୋଲି ରାଇକିଆ ପଞ୍ଚାୟତ ତରଫରୁ କୁହାଯାଇଛି । ରାଇକିଆ ହାଟ ଜିଲାର ଅନ୍ୟତମ ପୁରାତନ ହାଟ। ଏଠାରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ । ପନିପରିବା, ଲୁଗାପଟାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ହାତ ତିଆରି ସାମଗ୍ରୀ ଏହି ହାଟରେ ବିକ୍ରି ହୋଇଥାଏ ।

### ବିଦେଶୀ ମଦ ଦୋକାନକୁ ବିରୋଧ କଲା କୁଇ ସମାଜ

# ୨୫ ସୁଦ୍ଧା ବନ୍ଦ ନ ହେଲେ ଆନ୍ଦୋଳନ



କୁଇ ସମାଜ ପକ୍ଷରୁ ଅନୁଷ୍ଠିତ ବୈଠକ।

ଫୁଲବାଣୀ ଅଫିସ, ୧୮।୧୧

ଫିରିଙ୍ଗିଆ ବ୍ଲକ କେଳାପଡା ପଞ୍ଚାୟତ ବୈରୀକୁମ୍ପାଠାରେ ଖୋଲିଥିବା ସରକାରୀ ବିଦେଶୀ ମଦ ଦେକାନକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରୁଛନ୍ତି। ତୁରନ୍ତ ଉକ୍ତ ଦୋକାନ ବନ୍ଦ କରିବାକୁ ଦାବି ହୋଇ ଆସୁଛି। ଏପରିକି କିଛିଦିନ ତଳେ ଲୋକେ ଏ ନେଇ ଜିଲାପାଳଙ୍କୁ ଭେଟିଥିଲେ। ତଥାପି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ । ଆସନ୍ତା ୨୫ ତାରିଖ ମଧରେ ମଦ ଦୋକାନ ବନ୍ଦ କରା ନ ଗଲେ ଆଇନକୁ ହାତକୁ ନିଆଯିବ ବୋଲି କୁଇ ସମାଜ ଏକ ରାଲି ମାଧ୍ୟମରେ ଚେତାବନୀ ଦେଇଛି ।

କୁଇ ସମାଜ କର୍ମକର୍ତ୍ତା ପ୍ରଥମେ ଏକ ବୈଠକ କରିଥିଲେ । ପରେ ସମସ୍ତ ସଦସ୍ୟ ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟାମାନେ କେଳାପଡାରୁ ଏକ ରାଲିରେ ବାହାରି ମଦ ଦୋକାନ ହୋଇଥିବା ଭୃଙ୍ଗିଯୋଡି ପର୍ଯ୍ୟନ୍ତ ଯାଇ ମଦ ବିକ୍ରି ବନ୍ଦ କରିବାକୁ ଦୋକାନୀଙ୍କୁ ଚେତାବନୀ ଦେଇଥିଲେ। ମଦ ଦୋକାନ ହେବା ଦ୍ୱାରା ଏଠାରେ ବହୁ ସମସ୍ୟାର ସମ୍ମୁଖିନ ହେଉଛୁ । ତେଣୁ କୌଣସି ପରିସ୍ଥିତିରେ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି କୁଇ ସମାଜର ସମ୍ପାଦକ ବୁନା କହଁର, ପ୍ରଫୁଲ୍ଲ ପ୍ରଧାନ ପ୍ରକାଶ କରିଛନ୍ତି। କେଳାପଡା ଓ ଭୃଙ୍ଗିଯୋଡି ପଞ୍ଚାୟତ ମଧ ଭାଗରେ ଏହି ବିଦେଶୀ ମଦ ଦୋକାନ ଖୋଲାଯାଇଛି । ଲୋକେ ଯାହା ରୋଜଗାର କରୁଛନ୍ତି ତାହା ନିଶା ପାଣିରେ ଉଡାଉଛନ୍ତି। ଦୋକାନ ପାଖାପାଖି ୨ଟି ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ତ୍ରିନାଥ ମନ୍ଦିର ଏବଂ ଛୋଟ ବସ୍‌ଷ୍ଟପ ରହିଛି । ତେଣୁ ମଦ ଦୋକାନ ତୁରନ୍ତ ବନ୍ଦ ହେବା ଦରକାର ବୋଲି ମହିଳା ସଂଘର ଅନିତା ମୁଖୀ, ଯୁବକ ସଂଘର ସୁବଳ କହଁର, ମହେଶ୍ୱର କହଁର, ରାଜେନ୍ଦ୍ର କହଁର ପ୍ରମୁଖ ପ୍ରକାଶ କରିଛନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ